## ସଡ଼କ ସୁରକ୍ଷା କମିଟି ବୈଠକ

# ମାସକରେ ୧୪ ଦୁର୍ଘଟଣା, ୯ ଜଣଙ୍କ ମୃତ୍ୟୁ

ଅନୁଗୋଳ,୧୨।୧୧ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦଲ ମହମ୍ମଦ ଅଖତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ଗତ ଅକ୍ଟୋବର ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା।



ବୈଠକ ଅବସରରେ ଗୁଡ୍ ସମାରିଟାନଙ୍କୁ ଜିଲାପାଳ ପୁରସ୍କାର ପ୍ରଦାନ କରୁଛନ୍ତି।

ପରିବହନ ବିଭାଗ ସୂଚନା ଅନୁଯାୟୀ, ଗତ ଅକ୍ଟୋବରରେ ଜିଲାରେ ୧୪ ଦୁର୍ଘଟଣା ଘଟିଥିବାବେଳେ ୯ ଜଣଙ୍କ ମୃତ୍ୟୁ ଘଟିଛି। ୩ ଜଣ ଗୁରୁତର ଓ ଜଣେ ଆହତ ହୋଇଛନ୍ତି। ଏଥିରୁ ୫ଟି ଦୁର୍ଘଟଣା ଜାତୀୟ ରାଜପଥରେ ଓ ୯ଟି ଦୁର୍ଘଟଣା ରାଜ୍ୟ ରାଜପଥ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଘଟିଛି। ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡି ଚାଳନା ଯୋଗୁ ୯୩୧ ଜଣଙ୍କ ଠାରୁ ୯ ଲକ୍ଷ ୩୧ ହଜାର ଟଙ୍କା, ବିନା ସିଟ୍ ବେଲ୍ଟରେ ୫୨ ଜଣଙ୍କ ଠାରୁ ୫୨ ହଜାର ଟଙ୍କା, ଦ୍ରୁତ ଗାଡ଼ି ଚାଳନା ଯୋଗୁ ୯୨୦ ଜଣଙ୍କ ଠାରୁ ୧୮ ଲକ୍ଷ ୪୦ ହଜାର ଟଙ୍କା, ମଦ୍ୟପାନ କରି ଗାଡ଼ିଚାଳନା ନିମନ୍ତେ ୫୯ ଜଣଙ୍କ ଠାରୁ ୫ ଲକ୍ଷ ୯୦ ହଜାର ଟଙ୍କା, ଅତ୍ୟଧିକ ମାଲପରିବହନ କରିଥିବା ୬୪ଟି ମାମଲାରେ ୨୯ଲକ୍ଷ ୮୬ ହଜାର ୨୮୪ ଟଙ୍କା, ମାଲବାହୀ ଗାଡ଼ିଗୁଡିକରେ ଯାତ୍ରୀ ସେବା ଅଭିଯୋଗରେ ୨୯ଟି ମାମଲାରେ ୧ ଲକ୍ଷ ୪୫ ହଜାର ଟଙ୍କା, ଟ୍ରାଫିକ ନିୟମ ଅବମାନନା ଏବଂ ନୋ ପାର୍କିଂ ଜୋନ୍‌ରେ ଗାଡ଼ି ପାର୍କିଂ କରିବା ଅଭିଯୋଗରେ ୪୫୬ଟି ମାମଲାରେ ୪୨ଲକ୍ଷ ୫୦୦ ଟଙ୍କା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ଅଭିଯୋଗରେ ୩୬ଟି ମାମଲାରେ ୧ ଲକ୍ଷ ୮୦ ହଜାର ଟଙ୍କା, ଜରିମାନା ଆଦାୟ କରାଯାଇଥିବା ବେଳେ ୩୪୬ ଜଣଙ୍କ ଲାଇସେନ୍ସ ନିଲମ୍ବନ ଏବଂ ୫୬ଟି ଗାଡ଼ି ଜବତ କରାଯାଇଥିଲା। ସେହିପରି ଜିଲା ପୋଲିସ ଦ୍ୱାରା ଯାଞ୍ଚ ସମୟରେ ଦ୍ରୁତ ଗାଡ଼ି ଚାଳନା କରିବା ଯୋଗୁ ୬ଜଣଙ୍କ ଠାରୁ ୧୨ ହଜାର ଟଙ୍କା, ଅତ୍ୟଧିକ ମାଲପରିବହନ କରିଥିବା ୪ଟି ମାମଲାରେ ୭ ହଜାର ୫୦୦ ଟଙ୍କା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ଅଭିଯୋଗରେ ୧୫୪ ମାମଲାରେ ୭ ଲକ୍ଷ ୭୦ ହଜାର ଟଙ୍କା, ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁ ୫୧୦ ଜଣଙ୍କ ଠାରୁ ୫ଲକ୍ଷ ୧୦ ହଜାର ଟଙ୍କା, ବିନା ସିଟ୍ ବେଲ୍ଟରେ ୩୩୬ ଜଣଙ୍କ ଠାରୁ ୩ ଲକ୍ଷ ୩୮ ହଜାର ଟଙ୍କା, ଟ୍ରାଫିକ ନିୟମ ଅବମାନନା ଏବଂ ନୋ ପାର୍କିଂ ଜୋନ୍‌ରେ ଗାଡ଼ି ପାର୍କିଂ କରିବା ଅଭିଯୋଗରେ ୯୭୬ଟି ମାମଲାରେ ୨୩ଲକ୍ଷ ୮୦ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ମଦ୍ୟପାନ କରି ଗାଡ଼ିଚାଳନା ନିମନ୍ତେ ୫୩୭ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୧ ଜଣଙ୍କ ଲାଇସେନ୍ସ ନିଲମ୍ବନ କରାଯାଇଥିଲା। ଏହି ବୈଠକରେ ଜାତୀୟ ରାଜପଥ (ଢେଙ୍କାନାଳ ଶାଖା)ର ଅଧିକାରୀମାନେ ଯୋଗଦେଇ ନ ଥିବାରୁ ଜିଲାପାଳ କ୍ଷୋଭ ପ୍ରକାଶ କରିବା ସହ ଆସନ୍ତା ବୈଠକରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଓ ପରିବହନ ବିଭାଗ ଅଧିକାରୀମାନେ ଯାନବାହନ ପାର୍କିଂ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଘଟଣା ସମୟରେ ଆହତମାନଙ୍କୁ ଠିକ୍ ସମୟରେ ସହାୟତା କରିଥିବା (ଗୁଡ୍ ସମାରିଟାନ) ୫ ଜଣଙ୍କୁ ୨ ହଜାର ଟଙ୍କା ଲେଖାଏ ମୋଟ ୧୦ ହଜାର ଟଙ୍କାର ଚେକ୍ ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ରାୟଗୁରୁ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ କୁମାର ପଟ୍ଟନାୟକ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ହରିପାଲଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ଜିଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଏନ୍‌ଟିପିସି କଣିହାଁ ସ୍ୱର୍ଣ୍ଣ ପୁରସ୍କାର ବିଜୟୀ

## ଗୁଣବତ୍ତା ନିୟନ୍ତ୍ରଣ ସର୍କଲ ୨୦୨୪ ଅନ୍ତର୍ଜାତୀୟ ସମ୍ମିଳନୀ

ତାଳଚେର,୧୨।୧୧ (ମନୋଜ ନନ୍ଦ)




ଶ୍ରୀଲଙ୍କାର କଲମ୍ବୋଠାରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଗୁଣବତ୍ତା ନିୟନ୍ତ୍ରଣ ସର୍କଲ (ଆଇସିକ୍ୟୁସିସି-୨୦୨୪)ରେ ଏନ୍‌ଟିପିସି ତାଳଚେର କଣିହାଁର କ୍ୱାଲିଟି ସର୍କଲ (କ୍ୟୁସି) ଟିମ 'ସ୍ପାର୍କ' ସମ୍ମାନଜନକ ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଛି। ଏହି ପୁରସ୍କାର ଏନ୍‌ଟିପିସି କଣିହାଁର ଉତ୍କର୍ଷ, ଗୁଣବତ୍ତା ଏବଂ ନୂତନତ୍ୱ ପ୍ରତି ପ୍ରତିବଦ୍ଧତାକୁ ସୂଚିତ କରୁଛି। ଟିମ୍ 'ସ୍ପାର୍କ' ର ଅତୁଳନୀୟ ପ୍ରଦର୍ଶନ ଅନ୍ତର୍ଜାତୀୟସ୍ତରରେ ଏନ୍‌ଟିପିସି ନିମନ୍ତେ ସଫଳତା ଆଣିଦେଇଛି। ଏହା ଇନୋଭେଶନ, ଲର୍ନିଂ ଏବଂ ଟୋଟାଲ କ୍ୱାଲିଟିରେ ଅଗ୍ରଣୀ ଭାବରେ ନିଜର ସ୍ଥିତିକୁ ଦୃଢ଼ କରିପାରିଛି। ଏହି ସ୍ୱର୍ଣ୍ଣ ପୁରସ୍କାର ଟିମ୍ 'ସ୍ପାର୍କ' ର ଉତ୍ସର୍ଗୀକୃତ, ଅଭିନବ ଉପାୟ ଏବଂ ଗୁଣବତ୍ତାର ନିରନ୍ତର ଅନୁସରଣର ଏକ ପ୍ରମାଣ। ଏନ୍‌ଟିପିସି କଣିହାଁର ଉଲ୍ଲେଖନୀୟ ପ୍ରଦର୍ଶନ ଶିଳ୍ପଗୁଡ଼ିକରୁ ପ୍ରଶଂସା ଲାଭ କରିଛି ଏବଂ ଅନ୍ୟମାନଙ୍କୁ ଉତ୍କର୍ଷତା ପାଇଁ ଚେଷ୍ଟା କରିବାକୁ ପ୍ରେରଣା ଦେଇଛି। ଏହି ସଫଳତା ସଂସ୍ଥାର ନବସୃଜନ, ଦଳଗତ କାର୍ଯ୍ୟ ଏବଂ ନିରନ୍ତର ଉନ୍ନତି ଉପରେ ଧ୍ୟାନ ପ୍ରତିଫଳିତ କରିଥିବା ଏନ୍‌ଟିପିସି ପକ୍ଷରୁ କୁହାଯାଇଛି।

# ଢେଙ୍କାନାଳରୁ ଶୁଭ୍ରାଂଶୁ ଶେଖର ମନୋନୀତ

## ଜାତୀୟସ୍ତରୀୟ ପେନଚାକ୍ ସିଲାଟ୍ ପ୍ରତିଯୋଗିତା

ଢେଙ୍କାନାଳ,୧୨।୧୧(ରତନ ନାୟାର)

କାଶ୍ମୀରର ଶ୍ରୀନଗରସ୍ଥିତ ଇନ୍‌ଡୋର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଭାରତର ବିଭିନ୍ନ ରାଜ୍ୟର କୃତୀ ଖେଳାଳିମାନଙ୍କୁ ନେଇ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ୧୨ତମ ସର୍ବକନିଷ୍ଠ ଓ କନିଷ୍ଠ ଜାତୀୟସ୍ତରୀୟ ପେନଚାକ୍ ସିଲାଟ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପେନଚାକ୍ ସିଲାଟ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବୋଲି ଢେଙ୍କାନାଳର ଗୁରୁଦେବଜୀ ଗୁରୁକୁଳ କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ମାଧ୍ୟମରେ ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତା ପାଇଁ ଗୁରୁଦେବଜୀ ଗୁରୁକୁଳରେ ପ୍ରଶିକ୍ଷଣ ନେଉଥିବା ତଥା ଢେଙ୍କାନାଳ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଛାତ୍ର ଶୁଭ୍ରାଂଶୁ ଶେଖର ସାହୁ ମନୋନୀତ ହୋଇଛନ୍ତି। ସେ ଗତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟସ୍ତରକୁ ମନୋନୀତ ହୋଇଥିଲେ। ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ଗତ ୧ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ୧୦ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା କାର୍ଯ୍ୟାଳୟଠାରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଏବଂ ପ୍ରଶିକ୍ଷକ ତଥା ପେନଚାକ୍ ସିଲାଟ ଆସୋସିଏଶନ ଢେଙ୍କାନାଳର ସମ୍ପାଦକ ସୌମ୍ୟବ୍ରତ ସାହୁ, ଶୁଭ୍ରାଂଶୁଙ୍କୁ ଉତ୍ସାହିତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ସେହିପରି ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପ୍ରିନ୍ସିପାଲ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ମଧ୍ୟ ଶୁଭ୍ରାଂଶୁଙ୍କୁ ଶୁଭେଚ୍ଛା ଜଣାଇଥିଲେ।



# ୧୮ରୁ ୩୦ ଯାଏ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ

ଅନୁଗୋଳ,୧୨।୧୧ (ମାନସ ବିଶ୍ୱାଳ)


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ନିମନ୍ତେ ଏକ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅବଦଲ ମହମ୍ମଦ ଅଖତାର ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଶିବାନନ୍ଦ ମହାନ୍ତି, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରୀ ମହାନ୍ତି, ଜିଲା କୁଷ୍ଠ ରୋଗ କେନ୍ଦ୍ର ପରିଚାଳକ ଡ. ସୂର୍ଯ୍ୟ ନାରାୟଣ ଦତ୍ତ ପ୍ରମୁଖ ଯୋଗଦେଇ ଚଳିତ ମାସ ୧୮ ରୁ ୩୦ ତାରିଖ ମଧ୍ୟରେ ହେବାକୁ ଥିବା କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ କରାଯାଇଥିବା ପ୍ରସ୍ତୁତି ଓ କାର୍ଯ୍ୟକାରିତା ସମ୍ବନ୍ଧରେ ତଥ୍ୟ ଉପସ୍ଥାପନା କରିଥିଲେ।

ଚଳିତ ମାସ ୧୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକରେ (କିଶୋରନଗର ବ୍ୟତୀତ) ଆଶାକର୍ମୀମାନେ ଘରକୁ ଘର ଯାଇ ସମସ୍ତ ଜନସାଧାରଣଙ୍କୁ ପରୀକ୍ଷା କରି କୁଷ୍ଠ ରୋଗ ସନ୍ଦେହ ଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବେ। ଚିହ୍ନଟ ହୋଇଥିବା ବ୍ୟକ୍ତିମାନଙ୍କୁ ୩ ଦିନ ମଧ୍ୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ କୁଷ୍ଠ ରୋଗରେ ଆକ୍ରାନ୍ତ ନିଶ୍ଚିତ ହୋଇଥିବା ବ୍ୟକ୍ତିମାନଙ୍କୁ ଏମ୍‌ଡିଟି ଦ୍ୱାରା ମାଗଣାରେ ଚିକିତ୍ସା କରାଇବେ। ଏହି ଅଭିଯାନରେ ସମ୍ପୃକ୍ତ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଓ ଅଧିକାରୀମାନଙ୍କୁ କର୍ତ୍ତବ୍ୟ ଓ ଭୂମିକା ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଛି। ଗତ ଆର୍ଥିକ ବର୍ଷ ୨୦୨୩-୨୪ରେ ଜିଲାରେ ୩୩୧ ଜଣ ନୂତନ କୁଷ୍ଠ ରୋଗୀ ଚିହ୍ନଟ ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ଅକ୍ଟୋବର ସୁଦ୍ଧା ୧୨୬ ଜଣ କୁଷ୍ଠ ରୋଗୀ ଚିହ୍ନଟ ହୋଇଛନ୍ତି। ୨୦୨୭ ମସିହା ସୁଦ୍ଧା ଏକ କୁଷ୍ଠମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସମେତ ପଞ୍ଚାୟତିରାଜ, ଶିକ୍ଷା, ମହିଳା ଓ ଶିଶୁ, ସାମାଜିକ ସୁରକ୍ଷା ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।


ପଞ୍ଚକ ବଡ଼ ଏକାଦଶୀରେ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ମଙ୍ଗଳବାର ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ। (ଫଟୋ- ବୁବୁ)

## ଦୁର୍ଘଟଣା ଘଟାଇଥିବା କାର୍ ଜବତ, ଚାଳକ ଗିରଫ

ଛେଣ୍ଡିପଦା,୧୨।୧୧ (ଅଜିତ ଧଳ)

ଜରପଡ଼ା ଥାନା ବିମଳବେଡ଼ା ଛକରେ ଗତ ୬ ତାରିଖରେ ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା କାର୍ ଚାଳକ ଦେବଗଡ଼ ଜିଲା ରିଆମାଳ ଥାନା ଧରମପୁର ଗ୍ରାମର ସୁବର୍ଣ୍ଣ ସାହୁଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିଛି। ପୋଲିସ କହିଛି, ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ବିମଳବେଡାଠାରେ ଗତ ୬ ତାରିଖରେ ବଡହିଂସର ଗ୍ରାମର ସୁରଥ ସାହୁଙ୍କୁ ଏକ କାର୍ ଧକ୍କା ଦେଇ ପଳାଇ ଯାଇଥିଲା। ଏହି ଦୁର୍ଘଟଣାରେ ସୁରଥଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ସୁରଥଙ୍କ ଭାଇ ସୁଜନ ସାହୁ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ନଂ. ୩୧୬/୨୪ରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ମହାନଦୀ ଗୁଡ୍‌ସ ଟ୍ରାନ୍ସପୋର୍ଟ ଆସୋସିଏଶନର ବୈଠକ



ବଉଣ୍ଡା,୧୨।୧୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆଠମଲ୍ଲିକ ଉପଖଣ୍ଡ ମହାନଦୀ ଗୁଡ୍‌ସ୍ ଟ୍ରାନ୍ସପୋର୍ଟ ଆସୋସିଏଶନର ଟିପ୍ପର ଓ ହାଇୱା ମାଲିକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଧୋବେଇ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ କିଶୋରଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଜିତେନ ସାହୁ, ସହ ସଦସ୍ୟ ଓ ଉପଦେଷ୍ଟା ମଣ୍ଡଳୀର ଜୟନନ୍ଦ ସାହୁ, ଭରତ ପ୍ରସାଦ, ଜିତେନ୍ଦ୍ର ବେହେରା, କର୍ଣ୍ଣ ସାହୁ, ସୁଶାନ୍ତ ସାହୁ, ରବି ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ଲଘୁ ଖଣିଜ ସମ୍ପଦ ପରିବହନ ଉପରେ ହେଉଥିବା ସରକାର ଓ ଟେଣ୍ଡରଧାରୀ ଖଣି ମାଲିକଙ୍କ ଟାଳଟୁଳ ନୀତି ଯୋଗୁ ଗାଡ଼ି ମାଲିକମାନେ ପ୍ରକୃତ ନ୍ୟାୟ ପାଉ ନ ଥିବା ବିଷୟରେ ଆଲୋଚନା କରାଯାଇଥିଲା। ଓଡ଼ିଶା ଗୁଡ୍‌ସ୍ ଟ୍ରାନ୍ସପୋର୍ଟର ୧୧ ଦଫା ଦାବିନେଇ ଆଠମଲ୍ଲିକ ଆସୋସିଏଶନ ତରଫରୁ ବନ୍ଦ ଡାକରା ଦିଆଯାଇଛି। ଆଠମଲ୍ଲିକ ଅଞ୍ଚଳରୁ ପରିବହନ ହେଉଥିବା ସମସ୍ତ ଲଘୁ ଖଣିଜ ପଦାର୍ଥ ପ୍ରତି ସରକାର କଟକଣା କମ୍ କରିବା ସହ ମାଲିକମାନଙ୍କ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଦେବାକୁ ଗାଡ଼ି ମାଲିକମାନଙ୍କ ପକ୍ଷରୁ ଦାବି କରାଯାଇଛି।

# ବଉଣ୍ଡାରେ ଧୁମଧାମରେ କାର୍ତ୍ତିକେଶ୍ୱର ପୂଜା



ବଉଣ୍ଡା,୧୨।୧୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଉଣ୍ଡା, କଦଳୀମୁଣ୍ଡା, ଖୋଲଡଙ୍ଗିଆଣୀ ଗ୍ରାମଗୁଡିକରେ ମଙ୍ଗଳବାରଠାରୁ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଥିବାରୁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି। କଳସ ଶୋଭାଯାତ୍ରାରେ ନିକଟସ୍ଥ ପୋଖରୀରୁ ପାଣି ଅଣାଯିବା ପରେ ରିତିନୀତି ଅନୁସାରେ ପୂଜା ଆରମ୍ଭ ହୋଇଥିଲା। ପୂଜକ ପ୍ରକାଶଚନ୍ଦ୍ର ମିଶ୍ର ପୂଜା କରିଥିବା ବେଳେ କର୍ତ୍ତାଭାବେ ନବ କିଶୋର ସାହୁ ଦାୟିତ୍ୱ ତୁଲାଇଥିଲେ। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜାମଣ୍ଡପ ଗୁଡ଼ିକ ଝଲସୁଥିବା ବେଳେ ଦୀର୍ଘ ୬୫ବର୍ଷ ହେବ ଏହି ପୂଜା ପାଳନ କରାଯାଇଆସୁଛି। ଅଞ୍ଚଳବାସୀଙ୍କ ସହଯୋଗରେ ଏହି ପୂଜା କରାଯାଉଥିବା ବେଳେ ଅରବିନ୍ଦ ସାହୁ, ଲକ୍ଷ୍ମୀଧର ବେହେରା, ବିନୀତ ସାହା, ଚକ୍ରଧର ବେହେରା, ଜମ୍ବେଶ୍ୱର ସାହୁ, ଗିରିଶ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଅଞ୍ଚଳବାସୀ ସହଯୋଗ କରୁଛନ୍ତି।



# ମନ ମୋହିଲା କୁନି ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ

ଡେରଙ୍ଗ/ପବିତ୍ରନଗର, ୧୨।୧୧ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଡେରଙ୍ଗ ଗ୍ରାମ ମଝିସାହି ହରିଜନ ସାହିରେ ବାବା କାର୍ତ୍ତିକେଶ୍ୱର ପୂଜା ପାଳନ କରାଯାଉଛି। ଚଳିତବର୍ଷ ପୂଜାର ୧୦ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଏହା ଲୋକମାନଙ୍କ ମନକୁ ବେଶ୍ ଛୁଇଁ ପାରିଥିଲା। ଏଥିସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଆକର୍ଷଣୀୟ ହୋଇଥିଲା। ଏହି ପୂଜା ପ୍ରତ୍ୟେକ ବର୍ଷ ସାହିବାସିନ୍ଦାଙ୍କ ସାହାଯ୍ୟ ସହଯୋଗରେ ପାଳନ କରାଯାଉଛି। ସଭାପତି ବିଜୟ ନାଏକ, ସମ୍ପାଦକ କୁମୁଦ ନାଏକଙ୍କ ତତ୍ତ୍ୱାବଧାନରେ ପୂଜା ଧୁମ୍‌ଧାମରେ ପାଳନ କରାଯାଉଛି।




କୁନି କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା

ପବିତ୍ରନଗର,୧୨।୧୧ (ନିରୋଜ କୁମାର ପ୍ରଧାନ)

କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା ସୋମବାର ଠାରୁ ଆରମ୍ଭ ହୋଇଛି। ବୁରୁକୁନା ଗ୍ରାମରେ ଏହି ପୂଜା ଉପଲକ୍ଷେ କମିଟି ତରଫରୁ ୨୬ତମ ମହୋତ୍ସବ ଆୟୋଜିତ ହୋଇଛି। ସରପଞ୍ଚ ଦୁଃଖବନ୍ଧୁ ବେହେରାଙ୍କ ସମେତ କମିଟି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଏହି ମହୋତ୍ସବ ଆୟୋଜନ ହୋଇଛି। ସୋମବାର ପ୍ରଥମ ଦିନରେ କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା ହେବା ସହିତ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ସେହିପରି ବିରୁ ଗ୍ରାମରେ ପ୍ରଥମଥର ପାଇଁ କାର୍ତ୍ତିକେଶ୍ୱର ପୂଜା କରାଯାଉଛି। କମିଟି ସଭାପତି ମୋହନ ବେହେରା ଓ ସମ୍ପାଦକ ଟିକନ ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ନେଇ ସୋମବାର କଳସ ଯାତ୍ରା ସହ ହୋମଯଜ୍ଞ ଆରମ୍ଭ ହୋଇଥିଲା। ପୂଜାମଣ୍ଡପକୁ ସୁନ୍ଦର ଭାବେ ସାଜସଜ୍ଜା କରାଯାଇଥିବା ବେଳେ ଆଲୋକ ମାଳାରେ ପୂଜାସ୍ଥଳ ଝଲସୁଛି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ବ୍ଲକ ଅଞ୍ଚଳର କୁଲେଇ, ମହୀଧରପୁର, ଶିପୁର ଆଦି ଗ୍ରାମର ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେଉଛି।



# ଜାନୁଆରୀ ୧୧ରେ ଟାଟାଷ୍ଟିଲ୍ କପିଳାସ ହାଫ୍ ମାରାଥନ



- ୩୦ ବିଜେତାଙ୍କ ପାଇଁ ୯.୬୪ ଲକ୍ଷ ଟଙ୍କାର ପୁରସ୍କାର
- ଜୈବ ବିବିଧତା, ହାତୀ ଓ ବନ୍ୟଜନ୍ତୁ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଲକ୍ଷ୍ୟ

ଢେଙ୍କାନାଳ,୧୨।୧୧(ରତନ ନାୟାର)

ଟାଟାଷ୍ଟିଲ ମେରାମଣ୍ଡଳି(ଟିଏସ୍ଏମ୍) ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନ ସହଯୋଗରେ ୨୦୨୫ ଜାନୁଆରୀ ୧୧ରେ କପିଳାସ ଅଭୟାରଣ୍ୟର ବାହ୍ୟ ଅଞ୍ଚଳରେ ଟାଟାଷ୍ଟିଲ କପିଳାସ ହାଫ୍‌ମାରାଥନର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହେବ । ଏ ସମ୍ପର୍କରେ ମଙ୍ଗଳବାର ଢେଙ୍କାନାଳସ୍ଥିତ ହୋଟେଲ ନିରୁପମା ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଛି । ଖବରଦାତା ସମ୍ମିଳନୀରେ ଯୋଗଦେଇ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଟାଟାଷ୍ଟିଲ କପିଳାସ ହାଫ୍ ମାରାଥନର ଟି-ସାର୍ଟ ଉନ୍ମୋଚନ କରିଥିଲେ । ଏହି ଅବସରରେ ସେ କହିଲେ ଯେ, ରାଜ୍ୟରେ ଏକ ପ୍ରସିଦ୍ଧ ସ୍ଥାନରେ ତଥା ଢେଙ୍କାନାଳର କପିଳାସ ଅଭୟାରଣ୍ୟର ମନୋରମ ପୃଷ୍ଠଭୂମୀରେ ଏହି ଦୌଡ ଅନୁଷ୍ଠିତ ହେବ । ଏହା ଦେଶର ଅନ୍ୟତମ ପ୍ରତିଷ୍ଠିତ ହାଫ୍ ମାରାଥନ ହେବ ବୋଲି ଆମେ ଆଶା କରୁଛୁ । ମଙ୍ଗଳବାର ଠାରୁ ଦୌଡକୁଦ ପାଇଁ ପଞ୍ଜିକରଣ ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି। ହାଫ୍ ମାରାଥନର ମହତ୍ୱ ଓ ମୁଖ୍ୟ ବୈଶିଷ୍ଟ୍ୟ ସମ୍ପର୍କରେ ସୂଚନା ଦେଇ ଟାଟାଷ୍ଟିଲ କ୍ରୀଡା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ କହିଲେ ଯେ, ବିଶ୍ୱବ୍ୟାପୀ ମାରାଥନ ଏବଂ ଦୂର ଦୌଡକୁ ପ୍ରତିନିଧିତ୍ୱ କରୁଥିବା ମୋନାକୋସ୍ଥିତ ବିଶ୍ୱସ୍ତରୀୟ ଅନୁଷ୍ଠାନ ଆସୋସିଏସନ ଅଫ୍ ଇଣ୍ଟରନ୍ୟାଶନାଲ ମାରାଥନ ଆଣ୍ଡ୍ ଡିଷ୍ଟାନ୍ସ ରେସ୍ ପକ୍ଷରୁ ଏହାକୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ୨୧ କିଲୋମିଟର, ୧୦ କିଲୋମିଟର ଓ ୫ କିଲୋମିଟର ଦୌଡ ବର୍ଗର ଶ୍ରେଷ୍ଠ ୩୦ ବିଜେତାଙ୍କୁ ୯.୬୪ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ । ଏହି ହାଫ୍ ମାରାଥନ ପ୍ରତିଯୋଗିତାକୁ ସୁଦୃଢ କରିବା ସହିତ ପ୍ରାକୃତିକ ସମ୍ପଦରେ ସମୃଦ୍ଧ କପିଳାସ ଅଞ୍ଚଳରେ ହାତୀ ଓ ଜୈବ ବିବିଧତାର ସଂରକ୍ଷଣର ପ୍ରସାର କରି ଏହାକୁ ପର୍ଯ୍ୟଟନ ଓ ରୋଜଗାରର ଏକ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ମାରାଥନ ସୁସ୍ଥ ଜୀବନଶୈଳୀ, ଫିଟନେସ ଓ ଯୁବପିଢିଙ୍କ ମଧ୍ୟରେ କ୍ରୀଡା ମନୋଭାବକୁ ଉତ୍ସାହିତ କରିବ ।

ମାରାଥନରେ ୩ ପ୍ରକାର ଦୌଡ ରହିଛି । ୧୯ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ୨୧ କିଲୋମିଟର ଓ ୧୦ କିଲୋମିଟର ଏବଂ ୧୪ରୁ ୧୯ବର୍ଷ ବୟସ୍କ ପର୍ଯ୍ୟନ୍ତ କିଶୋର କିଶୋରୀଙ୍କ ପାଇଁ ୫ କିଲୋମିଟର ଦୌଡ। ଏଥିପାଇଁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। । ଅଂଶଗ୍ରହକାରୀ ମାନେ ୨୦୨୪ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ www.tatasteelkapilashhalfmar-athon.com ଅଫିସିଆଲ ୱେବସାଇଟ ମାଧ୍ୟମରେ ନାମ ପଞ୍ଜିକରଣ କରିପାରିବେ । ୪ହଜାର ଅଂଶଗ୍ରହଣକାରୀଙ୍କ ପାଇଁ ସୀମିତ ସ୍ଲଟ୍ ରଖାଯାଇଛି । ୨୧ କିଲୋମିଟର ଦୌଡ ପାଇଁ ପଞ୍ଜିକରଣ ଶୁଳ୍କ ୪୦୦ଟଙ୍କା, ୧୦ କିଲୋମିଟର ଦୌଡ ପାଇଁ ୩୦୦ ଓ ୫ କିଲୋମିଟର ଦୌଡ ପାଇଁ ୧୫୦ଟଙ୍କା ରଖାଯାଇଛି । ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଏକ ଗୁଡିବ୍ୟାଗ୍ ମିଳିବ । ଯେଉଁଥିରେ ଟି-ସାର୍ଟ, ବିଆଇବି ଚିପ୍ ଏବଂ ଜଳଖିଆ କୁପନ ରହିବ। ଟାଟାଷ୍ଟିଲ କପିଳାସ ହାଫ୍ ମାରାଥନ ୨୦୨୫ରେ ମୋଟ ୯.୬୪ଲକ୍ଷ ଟଙ୍କାର ନଗଦ ପୁରସ୍କାର ସହ ୩୦ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯିବ । ୨୧ କିଲୋମିଟର ଦୌଡ ଉଭୟ ମହିଳା ଓ ପୁରୁଷଙ୍କୁ ୧ଲକ୍ଷ ଟଙ୍କାର ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ, ସହକାରୀ ବନ ସଂରକ୍ଷକ ସତ୍ୟ ନାରାୟଣ ସାହୁ, ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ, ଢେଙ୍କାନାଳ ଟାଟାଷ୍ଟିଲ ମେରାମଣ୍ଡଳୀ କର୍ପୋରେଟ୍ ସେବା ମୁଖ୍ୟ ମୋହିତ ଦାସ, ଟାଟାଷ୍ଟିଲ କ୍ରୀଡା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ ଓ ଏମ୍‌ଜିଏମ୍ ମିନେରାଲ ଲିମିଟେଡର ଇଡି ଗୋପବନ୍ଧୁ ଦାସ ଉପସ୍ଥିତ ଥିଲେ ।

# ସୁରକ୍ଷା ବ୍ୟବସ୍ଥା ସହ ନିୟମିତ ମକ୍‌ଡ୍ରିଲ ଅଭ୍ୟାସ ନିର୍ଦ୍ଦେଶ



ଢେଙ୍କାନାଳ,୧୨।୧୧(ରତନ ନାୟାର)

## ଜିଲା ଆପତ୍‌କାଳୀନ ବୈଠକ

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦଭାବନା ହଲରେ ମଙ୍ଗଳବାର ଜିଲା ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠି, ଜିଲାର ସମସ୍ତ ଶିଳ୍ପାନୁଷ୍ଠାନ କୌଣସି ପ୍ରକାରର ରସାୟନ ଦ୍ରବ୍ୟଜନିତ ଦୁର୍ଘଟଣା ପ୍ରତି ସତର୍କ ରହି ସମସ୍ତ ପ୍ରକାର ପ୍ରସ୍ତୁତି କରି ଜୀବନ ରକ୍ଷା ପ୍ରତି ସର୍ବାଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଶିଳ୍ପାନୁଷ୍ଠାନ ସୁରକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରି ନିୟମିତ ମକଡ୍ରିଲ ଅଭ୍ୟାସ କରାଇବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର ଢେଙ୍କାନାଳର ସହକାରୀ ନିର୍ଦ୍ଦେଶିକା ପୁଷ୍ପମିତ୍ରା ଜେନା, ଜିଲା କାଇସେସ୍ ଗ୍ରୁପର କାର୍ଯ୍ୟକାରିତା ଏବଂ ଉତ୍ତରଦାୟିତ୍ୱତା ସମ୍ପର୍କରେ ପାଓ୍ୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରି ବୁଝାଇଥିଲେ। ବୈଠକରେ ଟାଟାଷ୍ଟିଲ ମେରାମଣ୍ଡଳୀ, ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡ୍, ରୁଙ୍ଗଟା ମାଇନ୍ସ ଲିମିଟେଡ୍, ନଭ ଲିମିଟେଡ, ରିମଝିମ୍ ଇସ୍ପାତ ପ୍ରାଇଭେଟ୍ ଲିମିଟେଡର ଅଧିକାରୀମାନେ ସେମାନଙ୍କର ଶିଳ୍ପାନୁଷ୍ଠାନରେ କିପରି ବିପଦଜନକ ରସାୟନିକ ଦ୍ରବ୍ୟର ପରିଚାଳନା କରାଯାଉଛି, ଦୁର୍ଘଟଣାରୁ ରକ୍ଷା ପାଇବା ନିମନ୍ତେ କିଭଳି ବ୍ୟବସ୍ଥା କରାଯାଉଛି, ଶିଳ୍ପାନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ କିଭଳି ପ୍ରଶିକ୍ଷଣ ଦିଆଯାଇ ସଚେତନତ କରାଯାଉଛି ଏବଂ ନିକଟସ୍ଥ ଗ୍ରାମବାସୀ ଓ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନଙ୍କୁ କିଭଳି ସଚେତନ କରାଯାଉଛି, ସେ ସମ୍ପର୍କରେ ପାୱାର ପଏଣ୍ଟ ମଧ୍ୟାମରେ ଅବଗତ କରାଇଥିଲେ। ବୈଠକରେ ବିଭିନ୍ନ ଶିଳ୍ପାନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ଜିଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ ଓ ଡିଆରଆଇ କନସଲଟାଣ୍ଟ ସଙ୍ଗୀତା ଦାସ ଉପସ୍ଥିତ ଥିଲେ।

# ବିବାହିତ ମହିଳାଙ୍କ ମୃତ୍ୟୁ ନେଇ ହତ୍ୟା ମାମଲା

## ପିଟି ମାରି ଦେଇଥିବା ଅଭିଯୋଗ, ସ୍ୱାମୀ ଫେରାର



ଢେଙ୍କାନାଳ,୧୨।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ବାଲ୍ୟାମ୍ବା ଗ୍ରାମର ପ୍ରଶାନ୍ତ ରଣା (୩୩)ଙ୍କ ପତ୍ନୀ ଅମିତା ରଣାଙ୍କର ଗୁରୁତର ଅବସ୍ଥାରେ ସୋମବାର ଶଙ୍କରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା । ମୃତଦେହ ବାଲ୍ୟାମ୍ବାରେ ପହଞ୍ଚିବା ପରେ ଅମିତାଙ୍କ ବାପା ପ୍ରେମାନନ୍ଦ ପ୍ରଧାନ ଓ ପରିବାର ସଦସ୍ୟମାନେ ଗ୍ରାମରେ ପହଞ୍ଚି ସମସ୍ତ କଥା ବୁଝିବା ପରେ ତାଙ୍କ ଝିଅକୁ ଯୌତୁକ ବାବଦକୁ ଅଧିକ ୩ ଲକ୍ଷ ଟଙ୍କା ଦାବିକରି ସ୍ୱାମୀ ଓ ଶାଶୁ ସବୁବେଳେ ନିର୍ଯ୍ୟାତନା ଦେଉଥିଲେ ଏବଂ ଝିଅ ଅମିତାକୁ ସେମାନେ ପିଟି ପିଟି ମାରିଦେଇଛନ୍ତି ବୋଲି ଭାପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗକୁ ଭିତ୍ତିକରି ସଦର ଥାନାରେ କେସ୍ ନଂ-୮୭୮।୨୪, ଦଫା-୮୫/୧୦୩(୧)/୩(୫) ବିଏନ୍‌ଏସ୍ ଓ ୪ ଡିପି ଆକ୍ଟରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି । ସ୍ୱାମୀ ପ୍ରଶାନ୍ତ ରଣା ଏବଂ ଶାଶୁ ଶାନ୍ତି ରଣାଙ୍କ ନାମରେ ଫାଣ୍ଡିରେ ଅଭିଯୋଗ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି । ଘଟଣା ପରେ ଅଭିଯୁକ୍ତ ସ୍ୱାମୀ ପ୍ରଶାନ୍ତ ରଣା ଫେରାର ଥିବା ଭାପୁର ଫାଣ୍ଡି ଅଧିକାରୀ ଶାନ୍ତନୁ ପ୍ରଧାନ ସୂଚନା ଦେଇଛନ୍ତି । ଅମିତାଙ୍କ ପିତା ପ୍ରେମାନନ୍ଦ ପ୍ରଧାନଙ୍କ ସୂଚନା ଅନୁଯାୟୀ ବାଲ୍ୟାମ୍ବା ଗ୍ରାମର ତଥା କାଜୁ ବଗିଚାରେ କାମ କରୁଥିବା ପ୍ରଶାନ୍ତ ରଣାଙ୍କ ସହ ୧୧ବର୍ଷ ତଳେ ତାଙ୍କର ଏକମାତ୍ର ଝିଅ ଅମିତା ବିବାହ କରିଥିଲେ । ପ୍ରଶାନ୍ତ ଓ ଅମିତାଙ୍କର ୮ବର୍ଷ ଓ ୩ବର୍ଷର ଦୁଇଟି ପୁତ୍ର ସନ୍ତାନ ଅଛନ୍ତି । ଅଧିକ ଯୌତୁକ ଦାବିରେ ସ୍ୱାମୀ ଓ ଶାଶୁ ୧୧ ତାରିଖ ଦିନ ଅମିତାଙ୍କୁ ପିଟି ପିଟି ଜୀବନରେ ମାରିଦେଇଛନ୍ତି ବୋଲି ପ୍ରେମାନନ୍ଦ ଅଭିଯୋଗ କରିଛନ୍ତି।

# ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧି ପାଇଁ ଯୁବପିଢ଼ି ଆଗେଇ ଆସନ୍ତୁ



ଢେଙ୍କାନାଳ,୧୨।୧୧(ରତନ ନାୟାର)

## ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡାପଡା ଶାଖା ଗଠନ

ଢେଙ୍କାନାଳ ଜିଲାର ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଜିଲା ଶାଖା ଆନୁକୂଲ୍ୟରେ 'କବି ଲେଖନୀରେ ସମାଜ' ଶୀର୍ଷକ ଆଲୋଚନାଚକ୍ର ସହିତ କବିତା ପାଠୋତ୍ସବ ଅନୁଷ୍ଠିତ ସୋମବାର ହୋଇଯାଇଛି। ପ୍ରଭାତୀ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବରେ କବି ବାହାଦୂର ପାଟସାହାଣୀ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପିକା ଡ. କବିତା ମହାନ୍ତି, ସମ୍ମାନିତ ଅତିଥି ଭାବେ କବି ଛାୟାକାନ୍ତ ନାୟକ, ଅଧ୍ୟାପକ ତ୍ରିଲୋଚନ ସାହୁ, ଡ. ଦିନନାଥ ଦାସ, ଲେଖିକା ସଂଯୁକ୍ତା ଶରଣ ପ୍ରମୁଖ ଯୋଗ ଦେଇଥିଲେ। ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଶାଖାର ସଭାପତି ଶିକ୍ଷାବିତ୍ ଡ. ଦୁର୍ଗାମାଧବ ପୃଷ୍ଟି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି କବି ପାଟସାହାଣୀ କବିତା ମାଧ୍ୟମରେ ଗୋଟିଏ ଜାତିର ଐତିହ୍ୟ ଓ ସଂସ୍କୃତି ବିଶ୍ୱ ଦରବାରରେ ପହଁଚିପାରିବ ବୋଲି ନିଜର ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଡ. ମହାନ୍ତି ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ଲୁକ୍କାୟିତ ହୋଇ ରହିଥିବା ସାରସ୍ୱତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ ବୋଲି କହିଥିଲେ। ସଭାପତି ମହାପାତ୍ର ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧି ପାଇଁ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ନିଜର ବକ୍ତବ୍ୟରେ କହିଥିଲେ। ଉପସ୍ଥିତ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଏହି ସଭାରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଓଡ଼ାପଡ଼ା ଶାଖା ଗଠନ କରାଯାଇଥିଲା। ଏହାର ସଭାପତି ଭାବରେ ଅଧ୍ୟାପକ ତ୍ରିଲୋଚନ ସାହୁ, ଉପସଭାପତି ଭାବେ ଡ. ଦିନନାଥ ଦାସ, ସମ୍ପାଦକ ଭାବରେ ଅଧ୍ୟାପକ ମଙ୍ଗରାଜ ମହାପାତ୍ର, ସଂଗଠନ ସମ୍ପାଦକ ଭାବରେ ଛାତ୍ର ଶୁଭେନ୍ଦୁ ମହାପାତ୍ର, ସହ ସମ୍ପାଦକ ଭାବେ କବି ବୈକୁଣ୍ଠ ସ୍ୱାଇଁ ଓ ସଂଗଠନର ଉପଦେଷ୍ଟା ଭାବରେ କବି ଛାୟାକାନ୍ତ ନାୟକଙ୍କୁ ମନୋନିତ କରାଯାଇଥିଲା। ଛାତ୍ର ଶୁଭେନ୍ଦୁ ମହାପାତ୍ର ଓ କବୟିତ୍ରୀ ବନଜା ମାନସିଂହ କବିତା ପାଠୋତ୍ସବକୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ ମଙ୍ଗରାଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାହିତ୍ୟ ସଭାରେ ବହୁ ସଂଖ୍ୟାରେ କବି, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଏହି ସଭାକୁ ସୂଚାରୁଭାବରେ ଅୟୋଜନ କରିବା ନିମନ୍ତେ ମହାବିଦ୍ୟାଳୟ ତରଫରୁ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିଲେ।

# କବି ବୁଦ୍ଧଦେବଙ୍କ ସାହିତ୍ୟକୃତି ସ୍ମରଣୀୟ

ଢେଙ୍କାନାଳ,୧୨।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଲେଖକ ସଂସଦ ଭବନରେ ବିଶିଷ୍ଟ କବି ବୁଦ୍ଧଦେବ ନାୟକଙ୍କ ଶ୍ରାଦ୍ଧୋତ୍ସବ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡଃ. ପୁଷ୍ପଲତା ରଥ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ଦୁର୍ଗା ମାଧବ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ରାଜ୍ୟ ସଦସ୍ୟ କବି ବାହାଦୂର ପାଟସାହାଣୀ, ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ଅଧକ୍ଷ ଡଃ. ସମୀର ସାହୁ ପ୍ରମୁଖ ଯୋଗଦେଇ କବି ବୁଦ୍ଧଦେବ ନାୟକଙ୍କ ସାହିତ୍ୟକୃତି ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଶିକ୍ଷାବିତ୍ ଡଃ କବିତା ମହାନ୍ତିଙ୍କ ସଭାପତିତ୍ୱରେ କବିତା ପାଠ କରାଯାଇଥିଲା । ଏଥିରେ ୨୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ସେମାନଙ୍କର ସ୍ୱରଚିତ କବିତା ପାଠକରିଥିଲେ। କବି ନିର୍ମଳା ମହାପାତ୍ର, ନିବେଦିତା ରଥ ଓ ମମତା ମହାନ୍ତି କବିତାଗୁଡିକୁ ସଂଯୋଜନା କରିଥିଲେ । ବିଶିଷ୍ଟ ପାଲା ଗାୟକ ଧ୍ରୁବଚରଣ ବିଶ୍ୱାଳ ଓ କବି ନିର୍ମଳା ମହାପାତ୍ର ବୁଦ୍ଧଦେବ ନାୟକଙ୍କ ଦ୍ୱାରା ରଚିତ କବିତା ଆବୃତି କରିଥିଲେ ଓ ସାହିତ୍ୟ ପତ୍ରିକା 'ଶଙ୍ଖେଇ' ଉନ୍ମୋଚିତ ହୋଇଥିଲା । କବି ବୁଦ୍ଧଦେବ ନାୟକଙ୍କ ସୁପୁତ୍ର ତଥା ପ୍ରାକ୍ତନ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଡଃ. ପ୍ରମୋଦ କୁମାର ନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଡଭୋକେଟ୍ ଚିତ୍ରସେନ୍ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

# ବାଳିକା ଶିକ୍ଷାର ପ୍ରଗତି ହିଁ ସାମଗ୍ରିକ ବିକାଶର ମୂଳଭିତ୍ତି

## ସମଗ୍ର ଶିକ୍ଷା ପକ୍ଷରୁ ଅନ୍ତର୍ଜାତୀୟ ବାଳିକା ଦିବସ

ଢେଙ୍କାନାଳ,୧୨।୧୧(ରତନ ନାୟାର)



ଢେଙ୍କାନାଳ ସମଗ୍ର ଶିକ୍ଷା ସଭାଗୃହ ପରିସରରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳନ ଉପଲକ୍ଷେ ମଙ୍ଗଳବାର ଭାବ ବିନିମୟ କାର୍ଯ୍ୟକ୍ରମ ଭାରପ୍ରାପ୍ତ ଢେଙ୍କାନାଳ ଜିଲା ଶିକ୍ଷାଅଧିକାରୀ ସସ୍ମିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ କେ. ରୋଜା ବାଳିକାମାନେ ବାଳକମାନଙ୍କ ସହିତ ସମକକ୍ଷ ହେବା ସଙ୍ଗେ ସଙ୍ଗେ କର୍ମ କୁଶଳତାରେ ଆହୁରି ସୁଦକ୍ଷା ହୋଇ ସମାଜର ସବୁ କ୍ଷେତ୍ରରେ ସଫଳତା ଲାଭ କରିବାକୁ ଆଗେଇ ଆସିବାକୁ ଦୃଢ଼ ଆହ୍ୱାନ ଜଣାଇଥିଲେ। ସରକାରଙ୍କ ପକ୍ଷରୁ ସୁଦକ୍ଷା ଯୋଜନାରେ ଆଇଟିଆଇ ଓ ଡିପ୍ଲୋମା ଭଳି ବୈଷୟିକ ଶିକ୍ଷା କ୍ଷେତ୍ରରେ ବାଳିକାମାନଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା ଶିକ୍ଷା ଓ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଢେଙ୍କାନାଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଯୋଗଦାନ କରି ବାଳିକା ଶିକ୍ଷାର ପ୍ରଗତି ହିଁ ବାଳିକାମାନଙ୍କର ସାମଗ୍ରିକ ବିକାଶର ମୂଳଭିତ୍ତି। ଅନ୍ୟତମ ମୁଖ୍ୟବକ୍ତା ଭାବେ କଟକର ଶିକ୍ଷା ବିଭାଗର ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧ୍ୟାପକ ରାକେଶ ଚନ୍ଦ୍ର ସାହୁ ଛାତ୍ରୀ, ଛାତ୍ରମାନଙ୍କର ଅଭିବୃଦ୍ଧି ଓ ବିକାଶରେ ଅଷ୍ଟାଙ୍ଗ ଯୋଗର ଭୂମିକା, ସେମାନଙ୍କ ସୁସ୍ଥ ଓ ନିରାମୟ ଜୀବନ ପାଇଁ ଉପଯୁକ୍ତ ଜୀବନଶୈଳୀର ପ୍ରୟୋଗକୁ ନିଶ୍ଚିତ କାରିବା ପାଇଁ ଦୃଢ଼ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଓଡ଼ିଶା ବ୍ରେକ୍ ଥ୍ରୋ ଅନୁଷ୍ଠାନର ଆସିଷ୍ଟାଣ୍ଟ ମ୍ୟାନେଜର ପାରମ୍ପରିକ ଚଳଣି ଓ ପରମ୍ପରାରେ ଲିଙ୍ଗଗତ ବୈଷମ୍ୟକୁ ଦୂରୀଭୂତ କରି ଲିଙ୍ଗଗତ ସାମ୍ୟତା ଆଣିବାରେ ଲିଙ୍ଗଗତ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଦୃଶ୍ୟଶ୍ରାବ୍ୟ ଚଳଚ୍ଚିତ୍ର ମାଧ୍ୟମରେ ଶିକ୍ଷା ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଜିଲା ଶିକ୍ଷାଅଧିକାରୀ ସସ୍ମିତା ସାହୁ ଅଭିଭାଷଣରେ ବାଳିକାମାନଙ୍କର ପ୍ରଥମ କର୍ତ୍ତବ୍ୟ ଆମେ ଶୁଣିବା, ଜାଣିବା ଓ ଜିଣିବା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ଦିଗରେ ଉଦ୍ୟମ କରିବା ଉଚିତ। ପିଏମ୍‌.ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡା.ଅନୁପମା ମିଶ୍ର ମଙ୍ଗଳାଚରଣ ଗାନ ଶାନ୍ତିପାଠ କରିଥିଲେ। ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟର ମାର୍ଗଦର୍ଶକ କଳା ଶିକ୍ଷକ ଦୁଷ୍ମନ୍ତ କୁମାର ସାହୁ ଓ ଡା.ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମରେ ବାଳିକା ଦିବସ ସମ୍ପର୍କରେ ଓଡ଼ିଆ ଓ ଇଂରାଜୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ସେମାନଙ୍କର ମାର୍ଗଦର୍ଶକ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ। ଢେଙ୍କାନାଳ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ବାଳିକା ଶିକ୍ଷା ସଂଯୋଜିକା ପ୍ରଦୀପ୍ତା ପ୍ରିୟଦର୍ଶିନୀଙ୍କ ମାର୍ଗଦର୍ଶନରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀବୃନ୍ଦ ସମ୍ମିଳିତ ଭାବରେ କାର୍ଯ୍ୟକ୍ରମର ସଫଳ ରୂପାୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବିଜ୍ଞାନକୁ ଜନକଲ୍ୟାଣ କାର୍ଯ୍ୟରେ ଉପଯୋଗ କରିବାକୁ ଆହ୍ୱାନ

## ସଦର ବ୍ଲକ୍‌ସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ

ଢେଙ୍କାନାଳ,୧୨।୧୧(ରତନ ନାୟାର)




ଢେଙ୍କାନାଳ ସଦର ବ୍ଲକ୍ କାଇମାଟି ଉଚ୍ଚ ବିଦ୍ୟାଳୟଠାରେ ସଦର ବ୍ଲକ୍‌ସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଅଧ୍ୟକ୍ଷତା କରି ଅନ୍ଧବିଶ୍ୱାସ ଓ କୁସଂସ୍କାର ଆମ ସମାଜ ପ୍ରଗତିରେ ବାଧକ ସାଜିଛି। ତେଣୁ କୁନି ବୈଜ୍ଞାନିକମାନେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସଂପ୍ରସାରିତ କରି ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ ସେ ପରାମର୍ଶ ଦେଇଥିଲେ । ସଦର ବିଡିଓ ରାହୁଲ୍ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଜ୍ଞାନିକମାନେ ମଙ୍ଗଳ ଗ୍ରହରେ ଜୀବନର ଅନୁସନ୍ଧାନ କରୁଥିବାବେଳେ ମାନବ ଜୀବନର ମଙ୍ଗଳ କଥା ଭୁଲିଯାଉଛନ୍ତି । ବିଜ୍ଞାନକୁ ଜନକଲ୍ୟାଣ କାର୍ଯ୍ୟରେ ଉପଯୋଗ କରିବାକୁ ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଏବିଇଓ ଶତ୍ରୁଘ୍ନ ଖଣ୍ଡା, ଭଗବାନ ବେହେରା ଓ ପ୍ରଧାନଶିକ୍ଷକ ସତ୍ୟବ୍ରତ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସଦର ବ୍ଲକ୍‌ର ୧୭ଟି କ୍ଲଷ୍ଟରରୁ ୭ଟି ବିଷୟବସ୍ତୁ ଉପରେ ୮୯ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥିମଧ୍ୟରୁ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସଞ୍ଜନା ସାହୁ, ଶଙ୍କରପୁର ଉଚ୍ଚ ବିଦ୍ୟାଳୟ ଛାତ୍ର ଶୃତି ରଞ୍ଜନ ସାହୁ, କାଇମାଟି ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରତ୍ୟୁଷ କୁମାର ବେହେରା, ଫକୀର ମୋହନ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ପ୍ରିୟଦର୍ଶିନୀ ବେହେରା, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଇପ୍‌ସିତା ପ୍ରିୟଦର୍ଶିନୀ ନାୟକ, ସିଆରିଆ ଉ.ପ୍ରା. ବିଦ୍ୟାଳୟର ଛାତ୍ର ସାଇପ୍ରସାଦ ବିଷୋଇ ଓ ବନମାଳିପ୍ରସାଦ ଉ.ପ୍ରା. ବିଦ୍ୟାଳୟର ଛାତ୍ରୀ ସ୍ୱାତୀଶିଖା ଚୌଧୁରୀଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପଗୁଡିକ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହେବା ସହିତ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ମନୋନୀତ ହୋଇଛନ୍ତି । ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ବିଜ୍ଞାନ ଅଧିକାରୀ ମଥୁରୀ ମୋହନ ରାଉତ, ମୁଖ୍ୟବକ୍ତା ଭାବେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ମହନ୍ତ, ସମ୍ମାନିତ ଅତିଥି ଭାବେ ଏବିଇଓ ଦେବବ୍ରତ ନାଥ ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ସନ୍ତୋଷ ପାଣିଗ୍ରାହୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଅଙ୍କରାନ୍ତିପୁର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ମଲ୍ଲିକ ଓ ମୃଦଙ୍ଗା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁକାନ୍ତ କୁମାର ସାହୁ ବିଚାରକ ଭାବେ ପ୍ରକଳ୍ପଗୁଡିକର ମୂଲ୍ୟାଙ୍କନ କରିଥିଲେ । କାଇମାଟି ଉଚ୍ଚବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶିକ୍ଷକ ରଜନୀକାନ୍ତ ସାହୁ ଓ ସୁବ୍ରତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୁଶାନ୍ତ ପାଢୀ, ବିକାଶ ଜେନା, ପ୍ରଭାତୀ ବେହେରା, ନୃସିଂହ ପତି, ଅର୍ଜୁନ ନାୟକ, ରସାନନ୍ଦ ମହାରଣା, ମଧୁସୂଦନ ରାଉତ, ବିଚ୍ଛନ୍ଦ ବେହେରା, ବିକ୍ରମ ସେଠୀ, ବିଷ୍ଣୁ ମଲ୍ଲିକ ଓ ସଦର ବ୍ଲକ୍‌ର ସମସ୍ତ ସିଆର୍‌ସିସି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

